ତା. ୨୪.୦୯.୨୦୨୫

## ଧାନ କ୍ରୟ ପାଇଁ ପଦକ୍ଷେପ

ଅଣତାରକା ପ୍ରଶ୍ନ ସଂଖ୍ୟା- ୨୦୪୩. ଶ୍ରୀ ଅରୁଣ କୁମାର ସାହୁ : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଗତ ବର୍ଷ ପଞ୍ଜିକୃତ ଚାଷୀ ବିକ୍ରୀ କରିବାକୁ ଚାହୁଁଥିବା ଖରିଫ ଧାନକୁ ପୁରାମାତ୍ରାରେ ସରକାର ନ କିଣିବାରୁ, ଚାଷୀ କ୍ଷତିଗ୍ରସ୍ତ ହେବା ଓ ବାହାର ରାଜ୍ୟକୁ ଚୋରାରେ ବିକ୍ରି ହେବାର ଖବର ଆସିଛି, ଏହାକୁ ସରକାର ସ୍ୱିକାର କରୁଛନ୍ତି କି, ଯଦି ହଁ ଏପରି ଅବ୍ୟବସ୍ଥା ପାଇଁ ଦାୟୀ କିଏ ଓ ତାଙ୍କ ବିରୁଦ୍ଧରେ କି ପଦକ୍ଷେପ ନେଇଛନ୍ତି, (ଖ) ଏ ସମସ୍ୟାର ପୁନରାବୃତ୍ତି ଯେପରି ନହେବ, ସେ ଦିଗରେ ସରକାର କି କି ପ୍ରତିଶେଧକ ବ୍ୟବସ୍ଥା କରିଛନ୍ତି?

## ଉତ୍ତର

**କୃଷ୍ଣ ଚନ୍ଦ୍ର ପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ:-**

(କ) ଗତ ଧାନ ସଂଗ୍ରହ ବର୍ଷ 2024-25ର ଖରିଫ ଋତୁରେ ପଞ୍ଜିକୃତ ଯୋଗ୍ୟ ବିବେଚିତ ଚାଷୀମାନଙ୍କଠାରୁ ମୋଟ ୭୩.୪୫ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗୃହିତ ହୋଇଥିଲା ଯାହାକି ଓଡିଶାର ଖରିଫ ଧାନ ସଂଗ୍ରହ ଇତିହାସରେ ସର୍ବାଧିକ ଅଟେ । ଗତ ଧାନ ସଂଗ୍ରହ ବର୍ଷ 2024-25ରେ ପଞ୍ଜିକୃତ ଯୋଗ୍ୟ ବିବେଚିତ ଚାଷୀଙ୍କ ଖରିଫ ଧାନକୁ ବାହାର ରାଜ୍ୟକୁ ଚୋରାରେ ବିକ୍ରି କରିବାର ତଥ୍ୟ ଭିତ୍ତିକ ଅଭିଯୋଗ ହସ୍ତଗତ ହୋଇନାହିଁ ।

(ଖ) ଧାନର ଅଭାବୀ ବିକ୍ରୀ ରୋକିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସହିତ ଧାନ ବିକ୍ରୀ ପରିମାଣ ଓ ତାରିଖ ବିଷୟରେ ଚାଷୀଙ୍କ ମୋବାଇଲକୁ ଆଗୁଆ ସୂଚନା ପ୍ରଦାନ, ଧାନ ବିକ୍ରି ବାବଦ ପ୍ରାପ୍ୟ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ପ୍ରଦାନ, ମଣ୍ଡି ତଦାରଖ ପାଇଁ Mandi Nodal Officer ଓ Mandi Supervising Officer ମାନଙ୍କୁ ନିୟୋଜିତ, ପ୍ରତ୍ୟେକ ମଣ୍ଡିରେ ଓ ଆନ୍ତଃରାଜ୍ୟ ସୀମା ମାନଙ୍କରେ C.C. Camaraର ବ୍ୟବସ୍ଥା କରାଯିବ । ଏତଦ୍ ବ୍ୟତୀତ ମାନ୍ୟବର ମନ୍ତ୍ରୀମାନେ ମଧ୍ୟ ଜିଲ୍ଲା ଗସ୍ତ କରି ଧାନ ସଂଗ୍ରହ ଅଗ୍ରଗତିର ନିୟମିତ ତଦାରଖ କରିବେ ।